# 'ରୋଗୀ ସିରିୟସ, କଟକ ନିଅ'ରେ ସୀମିତ ସ୍ୱାସ୍ଥ୍ୟସେବା

ଢେଙ୍କାନାଳ,୨୩।୩(ସମିସ):

ଢେଙ୍କାନାଳ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଚୁଲିକି ଗଲାଣି। ଏଠାରେ ରୋଗୀଙ୍କୁ ଭଲ କରିବା ତ ଦୂରର କଥା କେହି ସାଧାରଣ ରୋଗୀ ଆସିଲେ ସିରିୟସ କହି କଟକ ରେଫର କରିଦେଲେ ଡାକ୍ତରଙ୍କ ଚିନ୍ତା ଗଲା। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ଅତ୍ୟାଧୁନିକ ହେବ, ମେଡିକାଲ କଲେଜ ହେବ, ଅତ୍ୟାଧୁନିକ ସେବା ମିଳିବ, ରୋଗୀ କଟକ ଯିବାକୁ ପଡ଼ିବ ନାହିଁ ଭଳି ବୟାନବାଜି ସବୁକିଛି ପାଣିର ଗାର ପାଲଟିଛି। ଏଠାରେ ମନ୍ତ୍ରୀ କିମ୍ବା ସାଂସଦଙ୍କ ମନ୍ତ୍ର କାଟୁ କରୁନି। କେବଳ ଗୁଲିଖଟିରେ ବସି ଗୁଲିଗପ କଲେ ଜିଲ୍ଲାରେ ବିକାଶ ହେବ ନାହିଁ କିମ୍ବା ଭାଷଣବାଜିରେ ବିକାଶ ହେବ ନାହିଁ ବୋଲି ଗାଁରୁ ସହର ସବୁଠି ଆଲୋଚନା।

ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡୁଛି। ଏଠି କୋଠା କେବଳ ଶୋଭାପାଉଛି କିନ୍ତୁ ରୋଗୀ ସେବା ଚୁଲିକି ଯାଇଛି। ଗଳି କନ୍ଦିରେ ମାଳମାଳ ନର୍ସିଂ ହୋମ ଖୋଲୁଛି। ଚିକିତ୍ସାଳୟରେ ଡାକ୍ତର ନାହାଁନ୍ତି। ଜିଲ୍ଲାରେ ସମୁଦାୟ ୪୪୦ଟି ଡାକ୍ତର ପଦବୀ ଥିବା ସତ୍ତ୍ୱେ ବର୍ତ୍ତମାନ କେବଳ ୧୨୪ ଜଣ ଡାକ୍ତର ଦ୍ୱାରା ସେବା ଚାଲିଛି। ଅର୍ଥାତ୍ ପ୍ରାୟ ୭୫ ଶତାଂଶ ପଦବୀ ଖାଲି ରହିଛି। କିଛି ଦିନ ପୂର୍ବରୁ ୭୩ ଜଣ ଡାକ୍ତର ଯୋଗଦେଇଥିଲେ ମଧ୍ୟ, ପିଜି କୋର୍ସ ପାଇଁ ସେମାନେ ପୁଣି ଚାଲିଯାଇଥିବାରୁ ସ୍ଥିତିଗୁରୁତର ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧୭ଟି ପଦବୀ ମଧ୍ୟରୁ କେବଳ ୩୬ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଏବଂ ୧୫ ଜଣ ଛୁଟିରେ ରହିଛନ୍ତି। ସିଟି ସ୍କାନ ଓ ଅଲ୍ଟ୍ରାସାଉଣ୍ଡ ଭଳି ଆବଶ୍ୟକ ସୁବିଧା ରେଡିଓଲୋଜିଷ୍ଟଙ୍କ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଘରୋଇ ହସ୍ପିଟାଲ୍‌ଗୁଡ଼ିକ ରୋଗୀଙ୍କୁ ଶୋଷଣ କରିବାର ସୁଯୋଗ ପାଉଛନ୍ତି। ଗଁନ୍ଦିଆ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୭ଟି ପଦବୀ ମଧ୍ୟରୁ କେବଳ ୪ ଜଣ ଡାକ୍ତର ରହିଥିବାରୁ ସେଠାରେ ବି ସ୍ୱାସ୍ଥ୍ୟ ସେବା କହିଲେ ନସରେ। ଢେଙ୍କାନାଳର ପୁରୁଣା ହସ୍ପିଟାଲକୁ ସିଟି ହସ୍ପିଟାଲ୍‌ରେ ପରିଣତ କରିବା ପାଇଁ ଦୀର୍ଘଦିନ ଧରି ଦାବି ହେଉଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ଢେଙ୍କାନାଳର ବିକାଶ ହେବ ବୋଲି ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର କେବଳ ଭାଷଣ ବାଜିରେ ଚାଲିଛି ବୋଲି ଅଭିଯୋଗ ହୋଇଛି। ଯେଉଁଠି ସାଧାରଣଲୋକ ସାମାନ୍ୟତମ ସ୍ୱାସ୍ଥ୍ୟ ସେବା ପାଇବାରେ ବିଫଳ ହେଉଛନ୍ତି ସେଠାରେ ଜିଲ୍ଲାରବିକାଶ ହେବ କିପରି। କୌଣସି ଜରୁରୀ କାଳୀନ ସେବା ଜିଲ୍ଲାରେଉପଲବଧ ହେଉନାହିଁ। ଏମିତିକି ଜିଲ୍ଲାର ୮୦ଭାଗ ପ୍ରସବ ବିଭିନ୍ନ ନର୍ସିଂ ହୋମ ମାନଙ୍କରେ ହେଉଛି। ମାଆମାନେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭରସା କରିପାରୁନାହାଁନ୍ତି। ଏହାର ସୁଯୋଗ ନେଇ ସ୍ତ୍ରୀ ଏବଂ ପ୍ରସୂତି ରୋଗ ଡାକ୍ତରଙ୍କୁ ନେଇ ସହରର ଗଳିକନ୍ଦିରେ ମାଳ ମାଳ ନର୍ସିଂହୋମ୍ ଖୋଲିଗଲାଣି। ରୋଗୀଙ୍କୁ ନର୍ସିଂହୋମକୁ ଆଣିବାକୁ ମେଡିସନ ଦୋକାନୀଠାରୁ ଆରମ୍ଭ କରି ଦଲାଲ ମଧ୍ୟ କାର୍ଯ୍ୟ କରୁଛନ୍ତି। ଏଭଳି ସମୟରେ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଗତି ତଳକୁ ତଳକୁ ଯିବାରେ ଲାଗିଛି। ଏ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

● ଜିଲ୍ଲା ପ୍ରଶାସନର ଜନଶୁଣାଣି

## ୭୬ ଅଭିଯୋଗରୁ ୧୦ଟିର ସମାଧାନ

ଭୁବନ,୨୩।୩(ସମିସ): ଭୁବନ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୭୬ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୬୪ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ୧୦ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା।



ଚିକିତ୍ସା ପାଇଁ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ସମୁଦାୟ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ସହକାରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ କୁମାର ସାହୁ, ବନଖଣ୍ଡ ଅଧିକାରୀ ସୁମିତ କର, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ଅନିଲ କୁମାର ମହାନ୍ତି, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୨ ବଖରା ଘର ଜଳିଗଲା



ପରଜଙ୍ଗ,୨୩।୩(ସମିସ): ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ପଡ଼ିଆଭଙ୍ଗା ସାହିରେ ଅଗ୍ନିକାଣ୍ଡ ଘଟି ରମେଶ ଜେନାଙ୍କ ଦୁଇ ବଖରା ଘର ପୋଡ଼ି ପାଉଁଶ ହୋଇଛି। ସୂଚନା ଅନୁଯାୟୀ ପଡ଼ୋଶୀ ଘର ଲୋକେ ଅଳିଆ ଗଦାରେ ନିଆଁ ଲଗାଇଥିଲେ। ସେହି ନିଆଁ ପାଖରେଥିବା ବାଡ଼ରେ ଲାଗି ରମେଶଙ୍କ ଘରକୁ ବ୍ୟାପିଯାଇଥିଲା। ଫଳରେ ଘରେଥିବା ସମସ୍ତ ଆସବାବପତ୍ର ଓ ଧନସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ବର୍ତ୍ତମାନ ବିପନ୍ନ ପରିବାର ପାଖରେ ଖାଇବାକୁ ମଧ୍ୟ କିଛି ନାହିଁ। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ତଥା ବିପନ୍ନ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ପରଜଙ୍ଗ,୨୩।୩(ସମିସ): ପରଜଙ୍ଗ ଥାନା କନ୍ଦରସିଂହା ପଞ୍ଚାୟତ ଖଳିବାହାଳ ସାହିର ଚୈତନ୍ୟ ନାଥ (୫୬) ଗତ ୨୦ ତାରିଖ ସକାଳ ୧୦ଟା ବେଳେ ନିଖୋଜ ହୋଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଚୈତନ୍ୟଙ୍କ ଝିଅ ସୁମିତ୍ରା ୨୨ ତାରିଖ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିବା ବେଳେ ସୋମବାର ବାରିହାପୁର ବସୋଇ ଗ୍ରାମ ମଧ୍ୟରେଥିବା ସଂରକ୍ଷିତ ଜଙ୍ଗଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରଖିଛି।

## ଚୋରକୁ ନିର୍ଧୁମ ଛେଚି ପୁଲିସ ଜିମାଦେଲେ ଲୋକେ

● ବାରମ୍ବାର ଚୋରି, ସୁରକ୍ଷାକୁ ନେଇ ପ୍ରଶାସନ ଚୁପ

କାମାକ୍ଷାନଗର,୨୩।୩(ସମିସ): କାମାକ୍ଷାନଗର ସହରରେ ସୋମବାର ସାପ୍ତାହିକ ହାଟରେ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡ଼ିଛନ୍ତି ଯୁବକ। ଲୋକମାନେ ତାଙ୍କୁ ନିର୍ଧୁମ ଛେଚିବା ସହ ପୁଲିସ



ଜିମା ଦେଇଛନ୍ତି। ଯୁବକଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ସେ ହାଟକୁ ଆସିଥିବା ଲୋକଙ୍କ ମୋବାଇଲ ଓ ଟଙ୍କା ଲୁଟ୍ କରୁଥିଲେ। କିଛି ଲୋକ ଏହା ଦେଖି ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଚୋରି କରିଥିବା ମୋବାଇଲ ଓ ଟଙ୍କା ଜବତ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ତେବେ ହାଟରେ ପ୍ରତି ପାଳିରେ ବାରମ୍ବାର ବାଇକ, ମୋବାଇଲ, ଡିକିରୁ ଟଙ୍କା ଆଦି ଚୋରି ହେଉଛି। ଏ ଦିଗରେ ପୁଲିସର ଦାୟିତ୍ୱହୀନତା ଯୋଗୁଁ ଲୋକେ ହାଟକୁ ଆସିବାକୁ ଡରିଲେଣି। ତୁରନ୍ତ ପୁଲିସ ଓ ପ୍ରଶାସନ ହାଟର ସୁରକ୍ଷା ବୃଦ୍ଧି ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।

ଧାନମଣ୍ଡିରେ ଅବ୍ୟବସ୍ଥାର ପ୍ରତିବାଦ

# ଅନୁଗୋଳ-ଭୁବନେଶ୍ୱର ରାସ୍ତା ଅବରୋଧ

ହିନ୍ଦୋଳ/ଖଜୁରିଆକଟା,୨୩।୩(ସମିସ): ହିନ୍ଦୋଳ ଉପଖଣ୍ଡରେ ୧୩ ସମବାୟ ସମିତିରେ ଏବେ ଧାନ ମଣ୍ଡି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି। ଚାଷୀଟିଏ ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରି କରି ନପାରି ଧାନକୁ ଖୋଲା ଆକାଶରେ ରଖିଛି। ଏ ସମ୍ପର୍କରେ ଉପଖଣ୍ଡର ଚାଷୀମାନଙ୍କ ଦ୍ୱାରା ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ ଚାଷୀ ଆଜି ଉତ୍ୟକ୍ତ ହୋଇ ଉପଖଣ୍ଡର ହାତୁରା ଛକରେ ଶହ ଶହ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିବା ଦେଖିବାକୁମିଳିଥିଲା। ସକାଳୁ ରାସ୍ତା ରୋକ ହୋଇ ସହ ସହ ଗାଡି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକିଥିବା ବେଳେ ୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିବା ଦେଖିବାକୁ ମିଳିନଥିବା ବେଳେ ଦିନ ୧୨ ଟା ସମୟରେ ହିନ୍ଦୋଳ ଉପ ଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ତହସିଲଦାର ଦିଲୀପ ସେଠି, ଯୋଗାଣ ଅଧିକାରୀ ଅସିତ ଅମିତାଭ ସ୍ୱାଇଁ ଓ ହିନ୍ଦୋଳ



ଉପଖପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଖୁବ ଶୀଘ୍ର ଟୋକନ ପାଇଥିବା ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକ ହଟିଥିଲା। ସେହିପରି ଉପଖଣ୍ଡର ବାବନ୍ଧ ସମବାୟ ସମିତିରେ ଚାଷୀମାନଙ୍କ ଧାନ ପଡି ରହିଛି ବାରମ୍ବାର ଚାଷୀମାନେ ଅଭିଯୋଗ କରି ବିଫଳ ହେବାରୁ ସମବାୟ ସମିତି ମୁହଁରେ ହରତାଳ କରିବା ସାହିତକିଛି ସମୟପାଇଁ ସମବାୟ ସମିତି ଗେଟରେ ତାଲା ପକାଇଥିବା ଦେଖିବାକୁ ମିଳିଥିଲା।

■ ଟୋକନ ଥାଇ ବି ଉଠିଲାନି ଧାନ

## ଜାତୀୟ ରାଜପଥ ଅବରୋଧ, ଯାତାୟାତ ଠପ୍

ଓଡ଼ାପଡ଼ା,୨୩।୩(ସମିସ): ଓଡ଼ାପଡ଼ା ବ୍ଲକ ଗଦାଶିଳା ସେବା ସମବାୟ ସମିତିରେ ମଣ୍ଡିରେ ଟୋକନ ପାଇବା ସତ୍ତ୍ୱେ ଧାନ ଉଠୁ ନ ଥିବାର ପ୍ରତିବାଦରେ ସୋମବାର ଚାଷୀମାନେ ଝାରଗାଡ଼ିଆଠାରେ ରାସ୍ତାରେ ଧାନବସ୍ତା



ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଗଦାଶିଳା ସେବା ସମବାୟ ସମିତି ମଣ୍ଡିରେ ଗଦାଶିଳା, ଚାଇଁପୁର, କାଶିଆଡିହ, ବଳରାମପୁର, ମହେନ୍ଦ୍ରପୁର, ସିମିନଇ, ଅଙ୍କରାନ୍ତିପୁର, ସାଇଁବିରିର ଚାଷୀମାନେ ଧାନ ଦେଇଥାନ୍ତି। ମାର୍ଚ୍ଚ ଶେଷ ହେବାକୁ ବସିଥିବା ବେଳେ ଶହ ଶହ ଚାଷୀଙ୍କ ଧାନ ବର୍ତ୍ତମାନ ସୁଦ୍ଧା ଉଠିନାହିଁ। ନଭେମ୍ବରରୁ ଧାନ ଅମଳ କରି ଚାଷୀମାନେ ମଣ୍ଡିରେ ଦେବାକୁ ଚାହିଁ ବସିଥିବା ବେଳେ ଏଯାଏ ସରକାର ଧାନ କ୍ରୟ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ୧୫୦ ଚାଷୀଙ୍କ ୩ ହଜାର ୫ଶହ କ୍ୱିଣ୍ଟାଲ ଧାନ ଉଠାଇବାକୁ ଦାବି ହୋଇଛି। ଚାଷୀମାନେ ଗତ ୧୭ ତାରିଖରୁ ଧାନ ଦେବାକୁ ଟୋକନ ପାଇଥିଲେ ମଧ୍ୟ ମଣ୍ଡିରେ ଧାନ ଦେଇପାରୁ ନାହାନ୍ତି। ଫଳରେ ବର୍ଷାରେ ଧାନ ନଷ୍ଟ ହେବାକୁ ବସିଲାଣି। ଏହାର ପ୍ରତିବାଦରେ ସୋମବାର ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଝାରଗାଡ଼ିଆଠାରେ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ ସଦର ଥାନା ପୁଲିସ, ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ତହସିଲଦାରଳ ମନୋଜ କୁମାର ମାଝୀ, ସହକାରୀ ଯୋଗାଣ ଅଧିକାରୀ ପହଞ୍ଚି ମାର୍ଚ୍ଚ ୩୧ ସୁଦ୍ଧା ୧୫୦ ଚାଷୀଙ୍କ ୩୫୦୦ କ୍ୱିଣ୍ଟାଲ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ୧ ହଜାର କ୍ୱିଣ୍ଟାଲ ଏବଂ ୨୬ରେ ୧ହଜାର କ୍ୱିଣ୍ଟାଲ ଧାନ, ବଳରାମପୁର ମଣ୍ଡିରେ ୫ଶହ କ୍ୱିଣ୍ଟାଲ ଏବଂ ୨୮ ତାରିଖ ୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ଆନ୍ଦୋଳନରେ ବିଭୁ ପ୍ରସାଦ ରଥ, ବିକାଶ ସାହୁ, ପ୍ରକାଶ ସାହୁ, ଦିଲୀପ ସାହୁ, ସର୍ବଜ୍ଞ ସାହୁ, ପ୍ରଭାସ ଜେନାଙ୍କ ସହ ବହୁ ଚାଷୀ ସାମିଲ ହୋଇଥିଲେ।

## ପୋଡ଼ିଗଲା ୧୦ ବଖରା ଘର, ୯ ପରିବାର ସର୍ବସ୍ୱାନ୍ତ



ହିନ୍ଦୋଳ,୨୩।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ନୂଆବଗ ଗାଁରେ ଅଗ୍ନିକାଣ୍ଡରେ କିଛି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଗ୍ରାମର ନଅଟି ପରିବାରର ମୋଟ ୧୦ ବଖରା ଘର ପୋଡି ପାଉଁଶ ହୋଇଯାଇଛି। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ଥିବାବେଳେ ଘଟଣା ସ୍ଥଳରେ ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡ ପାଇଁ ଘରର ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଗୁହାଳରେ ବନ୍ଧା ଯାଇଥିବା ଏକ ବାଛୁରୀ ମଧ୍ୟ ପୋଡିଯାଇଥିବା ଦେଖିବାକୁ ମିଳିଛି। ଗ୍ରାମର ନରିଆ ବିଶ୍ୱାଳ, ଗାଲେଖ ବିଶ୍ୱାଳ, ଗକ୍ଷଣ୍ଡୁ ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁବାସ ବିଶ୍ୱାଳ, ସିପୁନ ବିଶ୍ୱାଳ, ଭାସ୍କର ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ଘର ପୋଡି ଯାଇ ସର୍ବସ୍ୱାନ୍ତ ହୋଇଯାଇଥିବାବେଳେ ସମ୍ପୃକ୍ତ କ୍ଷତିଗ୍ରସ୍ତ ମାନଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଓ କ୍ଷତିପୂରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## କପିଳାସ ପୀଠରେ ବାସନ୍ତିକ ଦୁର୍ଗାପୂଜା



ଗଁନ୍ଦିଆ,୨୩।୩(ସମିସ): କପିଳାସସ୍ଥିତ ଭୁବନେଶ୍ୱରୀ ମଠରେ ବାସନ୍ତିକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ହୋଇଛି। ମଙ୍ଗଳବାର ଷଷ୍ଠୀରୁ ଅଧିବାସ କରାଯାଇ ବୁଧବାର ସପ୍ତମୀ ପୂଜା, ଗୁରୁବାର ଅଷ୍ଟମୀ ପୂଜା, ଶୁକ୍ରବାର ନବମୀ ପୂଜା, ହେବ। ଏହି ୩ ଦିନ ଖିରି, ପୁରୀ, ପିଠପଣା ସହ ବିଶେଷ ପ୍ରସାଦ ଭାବେ ବିରି ଖେଚୁଡ଼ି ପ୍ରସ୍ତୁତ କରାଯାଇଥାଏ। ପ୍ରତ୍ୟହ ହୋମ କରାଯାଇ ୧୦୮ ଆହୁତି ପ୍ରଦାନ କରାଯାଏ।

## ଦଣ୍ଡ ନାଚରେ ଜାତିବାଦ ଓ ଅଶ୍ଳୀଳତା ବନ୍ଦ ଦାବିରେ ଧାରଣା



ଢେଙ୍କାନାଳ,୨୩।୩(ସମିସ): ଦଣ୍ଡ ନାଚରେ ଜାତିବାଦ ଓ ଅଶ୍ଳୀଳତା ବନ୍ଦ ଦାବିରେ ଆମ୍ବେଦକର ସେବା ସଙ୍ଗଠନ ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୮ ବ୍ଲକର କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମୀ ଯୋଗଦେଇଥିଲେ। ଦଣ୍ଡନାଚରେ ଜାତିବାଦ ଓ ଅଶ୍ଳୀଳତା ବିରୋଧରେ ଏସଓପି ଜାରି କରିବା ସହ ସମସ୍ତ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ପୌର ଅଧିକାରୀ, ସଂସ୍କୃତି ଅଧିକାରୀ ଓ ଏସ୍‌ପିଙ୍କୁ ନେଇ କମିଟି ଗଠନ କରି ଦଣ୍ଡନାଚରେ ଅନୁମତି ବାଧ୍ୟତାମୂଳକ କରାଯାଉ। ଅନୁସୂଚିତ ଜାତି ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ଓ ସମ୍ବିଧାନ ବିରୋଧୀ ପ୍ରଦର୍ଶନକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୧୪ କୋଷ ହାଡ଼ି ସମାଜ ସଭାପତି ୱାଲି ଗୋଛାୟତ, ସମ୍ପାଦକ ଆକୁଳ ଗୋଛାୟତ, ନୀଳମାଧବ ଶବର ସଂଘର ବନମାଳୀ ଦାସ, ଗୌତମ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସଙ୍ଗଠନର କାର୍ଯ୍ୟକର୍ତ୍ତା ପଦ୍ମଚରଣ ନାଏକ, ଗୌତମ ପାତ୍ର, ଭିକାରୀ ନାଏକ, ଲମ୍ବୋଦର ନାଏକ, ଅକ୍ଷୟ ମଲ୍ଲିକ, ସୁରେଶ ନାଏକ, ବାଇଧର ନାଏକ, ସୁଜାତା ନାହାକ, ସୀମା ନାଏକ, ସଞ୍ଜୟ ନାଏକ, ଆଇନଜୀବୀ ପଦ୍ମିନୀ ନାଏକ, ପ୍ରଦ୍ୟୁମ୍ନ ନାଏକ, ସାମାଜିକ କର୍ମୀ ସରୋଜ କୁମାର ଶତପଥୀ, ରାଜୀବ କର, ଅବଦୁଲ ୱାଲୀ, ପ୍ରମୁଖ ଉପସ୍ଥିତ ଥିଲେ। ଦଣ୍ଡନାଚରେ ଜାତିଆଣ ଆକ୍ଷେପ ଓ ଅଶ୍ଳୀଳତା ବନ୍ଦ ନ କଲେ ଭୟଙ୍କର ସଂଘର୍ଷ ହେବ ବୋଲି ଚେତାବନୀ ଦିଆଯାଇଛି। ସଙ୍ଗଠନର ସମ୍ପାଦକ ଚିତ୍ରସେନ ନାଏକ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସୈନିକ ସମନ୍ୱୟ ସମିତି ବୈଠକ



ଖଜୁରିଆକଟା,୨୩।୩(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହାଟପଡ଼ିଆରେ ରବିବାର ଜନସେବକ ପୂର୍ବତନ ସୈନିକ ସମନ୍ୱୟ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସଦସ୍ୟ ସୁବେଦାର ମେଜର ବ୍ରଜକିଶୋର ମହାପାତ୍ରଙ୍କ ପୌରୋହିତ୍ୟ ଏବଂ ସମ୍ପାଦକ ହାବିଲଦାର ବିଦ୍ୟାଧର କରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସୁବେଦାର ପ୍ରୋମଦ ରାଜ, ଅନେରି କ୍ୟାପଟେନ ଅନଙ୍ଗ ମହାପାତ୍ର, ଅନେରି କ୍ୟାପଟେନ ପ୍ରସନ୍ନ କୁମାର ସାହୁ, ନିମାଇଁ ଚରଣ ମହାପାତ୍ର, ଉଦୟନାଥ ଆଚାର୍ଯ୍ୟ, ପରମାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପେନସନ ସଂକ୍ରାନ୍ତିୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉପଖଣ୍ଡରେ ଏକ କ୍ୟାଣ୍ଟିନ ଏବଂ ସଂଘର ସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବାକୁ କେତେକ ସଦସ୍ୟ ପ୍ରସ୍ତାବ ଦେଇଥିବା ବେଳେ ଅବସରପ୍ରାପ୍ତ ସୈନିକ ଥିବା ପଞ୍ଚାୟତଗୁଡ଼ିକରୁ ଜଣେ ଲେଖାଏଁ ପ୍ରମୁଖ ସଦସ୍ୟଙ୍କୁ ଚୟନ କରି ପରିଷଦରେ ସାମିଲ କରିବାକୁ ପ୍ରସ୍ତାବ ପାରିତ ହୋଇଛି।

● କାମାକ୍ଷାନଗର ଦୁଷ୍କର୍ମ ଓ ହତ୍ୟା ଘଟଣା

## ପରିବାରକୁ ଭେଟିଲେ ଆପ୍ ପ୍ରତିନିଧି



ଢେଙ୍କାନାଳ,୨୩।୩(ସମିସ): କାମାକ୍ଷାନଗର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରତିନିଧି। ଫାଷ୍ଟଟ୍ରାକ କୋର୍ଟରେ ଦୁଇ ମାସ ଭିତରେ ମାମଲାର ବିଚାର କରି ପରିବାରକୁ ନ୍ୟାୟ ପ୍ରଦାନ ଓ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ। ଜିଲ୍ଲା ସମ୍ପାଦକ ଅନିଲ ସାମଲ, ସଦସ୍ୟ ଗୌରାଙ୍ଗ ସାମଲ, ଲକ୍ଷ୍ମଣ ଦାସ, ଜୟନ୍ତ ଦାସ, ମହିଳା ସୁରକ୍ଷା ମହାସଙ୍ଗଠନ ସମ୍ପାଦିକା ଉର୍ବଶୀ ନାୟକ, ସଭାପତି ଶାନ୍ତିଲତା ବେହେରା, ଟିକିଲି ପଣ୍ଡା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ସହ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

## ଉପଖଣ୍ଡ ଡାକ୍ତରଖାନାରେ ରକ୍ତଦାନ ଶିବିର



ଖଜୁରିଆକଟା,୨୩।୩(ସମିସ): ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଜିଲ୍ଲା ରକ୍ତଭଣ୍ଡାର ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା ଉଦଘାଟନ କରିଥିଲେ। ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସ୍ଥାନୀୟ ଜନସାଧାରଣ, ପୁଲିସ କର୍ମଚାରୀ, ମେଡିକାଲ କର୍ମଚାରୀ ଓ ଅନ୍ୟ ସରକାରୀ କର୍ମଚାରୀ ରକ୍ତଦାନ କରିଥିଲେ।

ଲୋକ ଅଧିକାର ଯାତ୍ରା

# 'ପ୍ରଦୂଷଣ ଓ ଜମି ଲୁଟ୍ କବଳରୁ ରାଜ୍ୟକୁ ବଞ୍ଚାଇବା ଜରୁରୀ'

ଢେଙ୍କାନାଳ,୨୩।୩(ସମିସ):

୨୦୨୬ ଫେବୃଆରୀ ୨୫ରୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରୁ ବାହାରିଥିବା ଲୋକଅଧିକାର ଯାତ୍ରା ସୋମବାର ଢେଙ୍କାନାଳରେ ପହଞ୍ଚିଥିଲା। ଓଡ଼ାପଡ଼ା ବ୍ଲକ ବଳରାମପୁରରେ ଜନସଭା କରି ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଭବନରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀକୁ ସମ୍ବୋଧିତ କରି ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଲେ, ଲାନକୋ କମ୍ପାନୀ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ୨୦୧୦ରେ ପାୱାର ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଏକ ହଜାର ଏକର ଚାଷଜମି ନେଇଥିଲା। ହେଲେ କମ୍ପାନୀ ପ୍ରତିଷ୍ଠା ନ କରି ସେହି ଜମିକୁ ବେଆଇନ ଭାବେ ଜିନ୍ଦଲକୁ ବିକ୍ରି କରିଛି ଯାହା ଭୂମି ଅଧିଗ୍ରହଣ ଆଇନ ୨୦୧୩ର ଧାରା ୧୦୧କୁ ଉଲ୍ଲଂଘନ କରୁଛି।



ନିୟମ ଅନୁସାରେ ଏହି ଜମି ପୁଣି ଚାଷୀମାନଙ୍କ ନିକଟକୁ ଫେରିଯିବା କଥା। ଯେଉଁ ଜମି ଶାଗମାଛ ଦରରେ ଲୋକଙ୍କଠାରୁ ଅଧିଗ୍ରହଣ ହୋଇଥିଲା, ବର୍ତ୍ତମାନ ତାହାର ମୂଲ୍ୟ ୮୦୦ କୋଟି ଟଙ୍କା। ଝାରସୁଗୁଡ଼ା ଭଳି ଢେଙ୍କାନାଳରେ ବେଦାନ୍ତ କମ୍ପାନୀର ପ୍ରସ୍ତାବିତ ସ୍ମେଲଟର ପ୍ଲାଣ୍ଟ ଯୋଗୁଁ ଜନଜୀବନ ଦୁର୍ବିସହ ହୋଇପଡ଼ିବ। ଏଥିପାଇଁ ଆଜିଠାରୁ ଜନସାଧାରଣ ବେଦାନ୍ତ ବିରୋଧରେ ସଂଗଠିତ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି କହିଲେ ଯେ ରାଜ୍ୟକୁ ସମ୍ବଳହୀନ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତଥା ସମସ୍ତ ରାଜନୈତିକ ଦଳ ଯେଉଁଳି ଯୋଜନା ଚଳାଇଛନ୍ତି, ଯଦି ତାହାକୁ ରୋକା ନ ଯାଏ ତେବେ ଓଡ଼ିଶା ଭିକାରୀ ପାଲଟିବା ସହ ମରୁଭୂମିରେ ପରିଣତ ହେବ। ଏହାକୁ ରାଜ୍ୟବାସୀ ହୃଦୟଙ୍ଗମ କରିବା ଜରୁରୀ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଆବାହକ ଡା. ବିଶ୍ୱଜିତ୍ କହିଥିଲେ ଯେ ଏତେ ଖଣିଜ ଦ୍ରବ୍ୟ ଓଡ଼ିଶାରୁ ଲୁଟ ଚାଲିଥିବା ବେଳେ ଓଡ଼ିଶାରେ ଛୁଞ୍ଚି କାରଖାନାଟିଏ ନାହିଁ। ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ କୃଷିର ଉନ୍ନତି ଦିଗରେ ସରକାର ପ୍ରୟାସ କରୁନାହାନ୍ତି। କେବଳ ଓଡ଼ିଶାରୁ ଖଣିଜ ଦ୍ରବ୍ୟ ରପ୍ତାନୀ କରିବାକୁ ବିକାଶର ପରିଭାଷା ବୋଲି କୁହାଯାଉଛି। ବାସ୍ତବରେ ଏହା ବିନାଶ ଅଟେ ବୋଲି ସେ କହିଥିଲେ। ଏହି ଯାତ୍ରାରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ଜନସ୍ୱାସ୍ଥ୍ୟ ଅଭିଯାନ ଆବାହକ ଗୌରାଙ୍ଗ ମହାପାତ୍ର, ସମାଜବାଦୀ ଜନ ପରିଷଦର ରାଜକିଶୋର, ଜୟକିଶାନ ଆନ୍ଦୋଳନର କିଶୋର ସାହୁ, ପ୍ରମୋଦିନୀ ପ୍ରଧାନ, ଲକ୍ଷ୍ମଣ ନାୟକ, ବିଜୟ ସିଂହ, ସୁକାନ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇ ଓଡ଼ିଶାର ୨୪ ଜିଲ୍ଲାର ୪ ହଜାର କିଲୋମିଟର ଅତିକ୍ରମ କରି ଆସି ଢେଙ୍କାନାଳରେ ପହଞ୍ଚିଥିଲେ।

